# NATIONAL NEWS BULLETIN (ODIA)

## 2 May - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀର ଅନେକ ସ୍କୁଲକୁ ବୋମା ଧମକ ଇମେଲ୍ ମିଳିବା ଘଟଣାରେ ଦିଲ୍ଲୀ ପୋଲିସ ପକ୍ଷରୁ ମାମଲା ରୁଜୁ ।
- ଆପତ୍ତିଜନକ ମନ୍ତବ୍ୟ ଅଭିଯୋଗରେ ୪୮ ଘଂଟା ପାଇଁ ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଉପରେ ଲାଗୁ ହେଲା ନିର୍ବାଚନ ପ୍ରଚାର କଟକଣା ।
- ଦକ୍ଷିଣ ଚୀନ୍‌ର ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ରାଜପଥ ଭୁଶୁଡ଼ି ୨୪ ମୃତ ।
- ଉତ୍ତରାଖଣ୍ଡରେ ଚାରିଧାମ ଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ଆଜି ମୁହାଁମୁହିଁ ହେବେ ।

# ବମ୍ବ ଥ୍ରେଟ କଲ

ଦିଲ୍ଲୀ ଓ ଏନସିଆର୍‌ର ଅନେକ ସ୍କୁଲକୁ ବୋମା ଧମକ ଇମେଲ୍ ମିଳିବା ଘଟଣାରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି। ଏହା ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ବିଭିନ୍ନ ସ୍କୁଲରେ ବୋମା ଧମକ ସମ୍ପର୍କିତ ଇମେଲକୁ ମିଥ୍ୟା କଲ୍ ବୋଲି କହିଥିଲା। ମନ୍ତ୍ରଣାଳୟ କହିଛି, ଏପର୍ଯ୍ୟନ୍ତ ଖୋଜାଖୋଜିରେ କୌଣସି ସନ୍ଦେହଜନକ ଜିନିଷ ମିଳିନାହିଁ।

ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା, ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରାଙ୍କ ସହ କଥା ହୋଇ ଏହି ପ୍ରସଙ୍ଗରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ଦୋଷୀମାନଙ୍କୁ ଚିହ୍ନଟ କରିବା ଏବଂ କୌଣସି ତ୍ରୁଟି ନ ହେବା ସୁନିଶ୍ଚିତ କରିବାକୁ ଶ୍ରୀ ସକ୍ସେନା ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ବୃତ୍ତ ଓ ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି। ଶ୍ରୀ ସକ୍ସେନା ବୋମା ଧମକ ପାଇଥିବା ଅନେକ ବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ। ସେ ଗଣମାଧ୍ୟମକୁ କହିଛନ୍ତି ଯେ ଦିଲ୍ଲୀ ପୋଲିସ ଏହି ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏହି ଇମେଲ୍ ଗୁଡ଼ିକ କେଉଁଠାରୁ ଆସୁଛି ତାହା ଜାଣିବାକୁ ପାଇଛି ।

## ପ୍ରେସିଡେଣ୍ଟ ଅଯୋଧ୍ୟା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପୂଜାର୍ଚ୍ଚନା ଓ ରାମଲାଲାଙ୍କ ଦର୍ଶନ ପାଇଁ ଦିନିକିଆ ଅଯୋଧ୍ୟା ଗସ୍ତରେ ଯାଇଛନ୍ତି। ରାଷ୍ଟ୍ରପତିଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ ଅଯୋଧ୍ୟାର ମହର୍ଷି ବାଲ୍ମିକି ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ବିମାନବନ୍ଦରରୁ ରାଷ୍ଟ୍ରପତି ହନୁମାନଗଡ଼ୀରେ ପହଞ୍ଚି ଭଗବାନ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ରାଷ୍ଟ୍ରପତି ମଧ୍ୟ ଗତ ସନ୍ଧ୍ୟାରେ ସମ୍ପୂର୍ଣ୍ଣ ରୀତିନୀତି ସହ ସରଯୁ ଆରତୀରେ ଯୋଗ ଦେଇଥିଲେ।

ନବ ନିର୍ମିତ ଏହି ମନ୍ଦିରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଏହା ହେଉଛି ପ୍ରଥମ ଗସ୍ତ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ହନୁମାନଗଡ଼ୀ, ରେଳ ଷ୍ଟେସନ, ରାମପଥ ଓ ନୟା ଘାଟ ସମେତ ଅଯୋଧ୍ୟାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବିଜେପି ଆଇଏମଏଫ

ବିଜେପି କହିଛି ଯେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି - IMFର ସଦ୍ୟତମ ରିପୋର୍ଟରେ ଭାରତର ଅଭିବୃଦ୍ଧିକୁ ପ୍ରମୁଖ ଅର୍ଥନୀତି ମଧ୍ୟରେ ସର୍ବୋଚ୍ଚ ବୋଲି ଆକଳନ କରାଯାଇଛି ଯାହା ଦେଶର ସୁଦୃଢ଼ ଏବଂ ସ୍ଥିର ଅର୍ଥନୈତିକ

ଅଭିବୃଦ୍ଧିକୁ ଦର୍ଶାଉଛି। ଏଥିରେ ବିଜେପି ସରକାରଙ୍କ ଦ୍ୱାରା ପରିଚାଳିତ ନୀତି ଏବଂ ସଂସ୍କାରର ସଫଳତା ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଦଳର ଜାତୀୟ ଗଣମାଧ୍ୟମ ମୁଖ୍ୟ ଅନୀଲ ବାଲୁନି ଏକ ବିବୃତ୍ତିରେ କହିଛନ୍ତି ଯେ ଏହି ସଫଳତା ବିଜେପିର 'ବିକଶିତ ଭାରତ'ର ବ୍ୟାପକ ଦୃଷ୍ଟିକୋଣ ସହ ସମାନ। ଏହା ଅର୍ଥନୈତିକ ସଶକ୍ତୀକରଣ ଦିଗରେ ଭାରତର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଏବଂ ଅଭିବୃଦ୍ଧି ଓ ବିକାଶ ପାଇଁ ଅନୁକୂଳ ବାତାବରଣକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ବୋଲି ସେ କହିଥିଲେ।

## ବିଜେପି ଫରେନ ପାର୍ଟି

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଗତ ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ୧୦ଟି ଦେଶର ୧୮ଟି ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ତାଙ୍କ ଦଳର ପ୍ରଚାର ରଣନୀତି ଏବଂ ସାମଗ୍ରିକ ନିର୍ବାଚନ ପ୍ରକ୍ରିୟା ଉପରେ ଆଲୋଚନା କରିଛନ୍ତି। ଏହା ଦଳର 'ବିଜେପିକୁ ଜଣାନ୍ତୁ' ଅଭିଯାନର ଏକ ଅଂଶ ଥିଲା। ଏକ ସୋସିଆଲ ମିଡିଆ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି ଯେ ଏହି ପଦକ୍ଷେପ କେବଳ ବିଜେପିର ସଫଳତା ବାଣ୍ଟିବା ପାଇଁ ନୁହେଁ ବରଂ ଦେଶ ନିର୍ମାଣରେ ବିଜେପିର ତ୍ୟାଗ ଏବଂ ଅବଦାନକୁ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ପ୍ରେରଣା ଦେବା ପାଇଁ ଉଦ୍ଦିଷ୍ଟ। ଏହି ଅବସରରେ ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଡ. ଏସ୍ ଜୟଶଙ୍କର ଓ ଅଶ୍ୱିନୀ ବୈଷ୍ଣବ

ଉପସ୍ଥିତ ଥିଲେ । ଏହି ପ୍ରତିନିଧିମାନେ ଅଷ୍ଟ୍ରେଲିଆ, ଭିଏତନାମ, ବାଂଲାଦେଶ, ଇସ୍ରାଏଲ, ଉଗାଣ୍ଡା, ତାଞ୍ଜାନିଆ, ରୁଷିଆ, ଶ୍ରୀଲଙ୍କା, ମରିସସ୍ ଏବଂ ନେପାଳରୁ ଆସିଛନ୍ତି ।

## ଇସି ଚନ୍ଦ୍ରଶେଖର

କଂଗ୍ରେସ ବିରୋଧରେ ଅପମାନଜନକ ଓ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଆରଏସ ମୁଖ୍ୟ କେ ଚନ୍ଦ୍ରଶେଖର ରାଓଙ୍କୁ ନିର୍ବାଚନ କମିଶନ ୪୮ ଘଂଟା ପାଇଁ ନିର୍ବାଚନ ପ୍ରଚାରରୁ ନିଷିଦ୍ଧ କରିଛନ୍ତି । ଗତକଲି ରାତି ୮ଟାରୁ ନିଷେଧାଦେଶ ଲାଗୁ ହୋଇଛି । ଏହି ସମୟ ମଧ୍ୟରେ ନିର୍ବାଚନ ସମ୍ପର୍କରେ ଗଣମାଧ୍ୟମରେ କୌଣସି ସାଧାରଣ ସଭା, ସାଧାରଣ ଶୋଭାଯାତ୍ରା, ସାଧାରଣ ରାଲି, ଶୋ' ଏବଂ ସାକ୍ଷାତକାର ଆୟୋଜନ ନ କରିବାକୁ କମିଶନ ଚନ୍ଦ୍ରଶେଖର ରାଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପୂର୍ବରୁ ତେଲେଙ୍ଗାନାର ସିରସିଲାରେ କେ ଚନ୍ଦ୍ରଶେଖରଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ଦଳ ଏକ ସର୍ଭେରେ ଅଭିଯୋଗ କରିଥିଲା ।

ଭୋଟରଙ୍କୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ରାଜନୈତିକ ଦଳ ଓ ନେତାମାନେ ମିଥ୍ୟା ବୟାନ ଦେବେ ନାହିଁ ବୋଲି କମିଶନ କହିଛନ୍ତି । ଆୟୋଗ କହିଛନ୍ତି, ଅସତ୍ୟ ଅଭିଯୋଗ କିମ୍ବା ମିଥ୍ୟା ତଥ୍ୟ ଆଧାରରେ ଅନ୍ୟ

ଦଳ କିମ୍ବା ସେମାନଙ୍କ କର୍ମୀଙ୍କୁ ସମାଲୋଚନାକୁ ଏଡ଼ାଇ ଦିଆଯିବା ଜରୁରୀ ଅଟେ।

## ଉତ୍ତରାଖଣ୍ଡ ଚାରଧାମ ଯାତ୍ରା

ଉତ୍ତରାଖଣ୍ଡରେ ଚାରିଧାମ ଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ତୀର୍ଥଯାତ୍ରା ଅଧିକ ଦିବ୍ୟ ଓ ଭବ୍ୟ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ରାଜ୍ୟ ସରକାର ସମସ୍ତ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡର ମୁଖ୍ୟ ଶାସନ ସଚିବ ରାଧା ରତୁରୀ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଜାରି କରି ଯାତ୍ରାର ପ୍ରାରମ୍ଭିକ ୧୫ ଦିନ ମଧ୍ୟରେ ବିଶେଷ କରି କେଦାରନାଥ ଧାମକୁ ଭିଆଇପି ଗସ୍ତକୁ କମ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଏହି ବ୍ୟବସ୍ଥା ସମ୍ପର୍କରେ ଉପଯୁକ୍ତ ଭାବେ ଅବଗତ କରାଯାଉଛି।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ବ୍ୟକ୍ତିଗତ ଭାବେ ଏକ ଦିବ୍ୟ ଓ ଭବ୍ୟ ତୀର୍ଥଯାତ୍ରା ଅନୁଭୂତି ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତିର ତଦାରଖ କରିବା ସହ ସୁରୁଖୁରୁରେ ଓ ସୁରକ୍ଷିତ ଚାରି ଧାମ ଯାତ୍ରା ପାଇଁ ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେପଟେ କୌଣସି ଜାଲିଆତିକୁ

ରୋକିବା ପାଇଁ ସରକାରୀ ଓଜଉଞ୍ଜଉ ଜରିଆରେ ଚାରିଧାମ ଯାତ୍ରା ପାଇଁ ହେଲିକପ୍ଟର ସେବା ବୁକ୍ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ଶ୍ରୀଲଙ୍କା ଇନଫ୍ଲେସନ

ଶ୍ରୀଲଙ୍କାରେ ସାମଗ୍ରିକ ମୁଦ୍ରାସ୍ଫୀତି ହାର ୨୦୨୪ ଏପ୍ରିଲରେ ୧.୫ ପ୍ରତିଶତକୁ ବୃଦ୍ଧି ପାଇଛି। ଶ୍ରୀଲଙ୍କାର ଜନଗଣନା ଓ ପରିସଂଖ୍ୟାନ ବିଭାଗ ସୂଚନା ଅନୁଯାୟୀ, କଲମ୍ବୋ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଭିତ୍ତିକ ମୁଦ୍ରାସ୍ଫୀତି ଯାହା ଗତ ମାସରେ ୦.୯ ପ୍ରତିଶତ ଥିଲା, ତାହା ମୁଖ୍ୟତଃ ଅଣଖାଦ୍ୟ ଦର ବୃଦ୍ଧି ଯୋଗୁଁ ସାମାନ୍ୟ ବୃଦ୍ଧି ପାଇଛି। ମାର୍ଚ୍ଚ ପାଇଁ ଜାତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ୨.୫ ପ୍ରତିଶତ ରେକର୍ଡ କରାଯାଇଛି।

## ଚୀନ ଲ୍ୟାଣ୍ଡ ସ୍ଲାଇଡ

ଦକ୍ଷିଣ ଚୀନ୍‌ର ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ରାଜପଥର ଏକ ଅଂଶ କ୍ଷତିଗ୍ରସ୍ତ ହେବାରୁ ୨୪ ଜଣଙ୍କର ମୃତ୍ୟୁ ଘଟିଛି। ସରକାରୀ ନ୍ୟୁଜ୍ ଏଜେନ୍ସି କହିଛି ଯେ ଗତକାଲି ରାତି ପ୍ରାୟ ୨ଟା ୧୦ ମିନିଟରେ ଗୁଆଙ୍ଗଡୋଙ୍ଗ ପ୍ରଦେଶର ମେଜୋ ସହର ଏବଂ ଡାବୁ କାଉଣ୍ଟି ମଧ୍ୟରେ ରାସ୍ତାର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ଫଳରେ ରାଜପଥରେ ୨୦ଟି ଯାନବାହନ ଅଟକି ରହିଥିଲା।

ଜନବହୁଳ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ଗତ କିଛି ଦିନ ହେବ ପ୍ରବଳ ବର୍ଷା ହୋଇଥିବାରୁ କେତେକ ଅଞ୍ଚଳରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ ହୋଇଛି। ରାଜ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଉଇମେନ ହକି ଲିଗ୍

ଜାତୀୟ ମହିଳା ହକି ଲିଗ୍ ୨୦୨୪-୨୦୨୫ର ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ହରିୟାଣା ୮-୦ ଗୋଲରେ ମଣିପୁରକୁ ଏବଂ ମହାରାଷ୍ଟ୍ର ୩-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ମଧ୍ୟପ୍ରଦେଶ ଓଡ଼ିଶାକୁ ୩-୨ ସୁଟ୍ ଆଉଟରେ ପରାସ୍ତ କରିଥିବା ବେଳେ ଝାଡ଼ଖଣ୍ଡ ୨-୦ ଗୋଲରେ ବେଙ୍ଗଲକୁ ପରାସ୍ତ କରିଛି।

ଦ୍ୱିତୀୟ ଦିନର ରୋମାଞ୍ଚକର ମ୍ୟାଚରେ ହରିୟାଣା ୮ ଗୋଲରେ ମଣିପୁରକୁ ଏକତରଫା ପରାସ୍ତ କରିଛି। ହରିୟାଣା ପକ୍ଷରୁ ଖାସା ଶଶୀ ୩ଟି ଗୋଲ ସ୍କୋର କରିଥିଲେ। ମଧ୍ୟପ୍ରଦେଶ ଓ ଓଡ଼ିଶା ମଧ୍ୟରେ ଦିନର ତୃତୀୟ ମ୍ୟାଚ୍ ଟାଇରେ ଶେଷ ହୋଇଥିବା ବେଳେ ଉଭୟ ଦଳ ନିର୍ଦ୍ଧାରିତ ସମୟରେ ଦୁଇଟି ଲେଖାଏଁ ଗୋଲ୍ ସ୍କୋର କରିଥିଲେ। କିନ୍ତୁ ସୁଟ୍ ଆଉଟରେ ମଧ୍ୟପ୍ରଦେଶ ୩-୨ ଗୋଲ୍ରେ ମ୍ୟାଚ୍ ଜିତି ନେଇଥିଲା।

## ଆଇପିଏଲ କ୍ରିକେଟ

ଆଇପିଏଲ କ୍ରିକେଟରେ ପଞ୍ଜାବ କିଙ୍ଗସ ୭ ୱିକେଟରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଛି। ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପଞ୍ଜାବ କିଙ୍ଗସ ମାତ୍ର ୧୭ ଓଭର ୫ଟି ବଲରେ ୩ ୱିକେଟ୍ ହରାଇ ୧୬୩ ରନର ଟାର୍ଗେଟକୁ ସହଜରେ ହାସଲ କରିବାରେ ସକ୍ଷମ ହୋଇଥିଲା । ପଞ୍ଜାବ ପକ୍ଷରୁ ଓପନର ଜନ ବେୟାରଷ୍ଟୋ ୪୬ ରନ୍ ଓ ରିଲେ ରୋସୌବ ୪୩ ରନ୍ କରିଥିଲେ। ଚେନ୍ନାଇ ପକ୍ଷରୁ ଶାର୍ଦ୍ଦୁଲ ଠାକୁର, ଶିବମ୍ ଦୁବେ ଓ ରିଚାର୍ଡ ଗ୍ଲିସନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗସ ୭ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା। ଅଧିନାୟକ ଋତୁରାଜ ଗାଇକୱାଡ ୪୮ ବଲରେ ୬୨ ରନ୍ କରିଥିଲେ। କିନ୍ତୁ ପଞ୍ଜାବର ଦ୍ରୁତ ବୋଲିଂ ଆକ୍ରମଣ ଚେନ୍ନାଇକୁ ବଡ଼ ଟାର୍ଗେଟ ଦେବାରୁ ବଞ୍ଚିତ କରିଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର ଓ ରାହୁଲ ଚହର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଏହି ବିଜୟ ସହ ପଞ୍ଜାବ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛି। ଚେନ୍ନାଇ ଚତୁର୍ଥ ସ୍ଥାନରେ ରହିଛି।

ଆଜି ହାଇଦ୍ରାବାଦରେ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ।

## ବ୍ୟାଡମିଣ୍ଟନ ଥୋମାସ କପ

ଚୀନର ଚେଙ୍ଗଡୁଠାରେ ଚାଲିଥିବା ଥୋମାସ କପର ଗ୍ରୁପ୍ ପର୍ଯ୍ୟାୟରେ ଭାରତୀୟ ପୁରୁଷ ଦଳ ଇଣ୍ଡୋନେସିଆଠାରୁ ୧-୪ ଗୋଲରେ ପରାସ୍ତ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ ଓ ଥାଇଲାଣ୍ଡକୁ ପରାସ୍ତ କରି ଭାରତୀୟ ଦଳ କ୍ୱାର୍ଟର ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିଲେ ହେଁ ଇଣ୍ଡୋନେସିଆ ଠାରୁ ଗ୍ରୁପର ଶୀର୍ଷ ସ୍ଥାନ ହରାଇଛି।

ଗତକାଲିର ପ୍ରଥମ ଗ୍ରୁପ୍ ମ୍ୟାଚରେ ଏଚ୍ ଏସ୍ ପ୍ରଣୟ, ଆନ୍ଥୋନି ସିନିସୁକା ଗିଣ୍ଟିଙ୍ଗଙ୍କୁ ୧୩-୨୧, ୨୧-୧୨, ୨୧-୧୨ରେ ପରାସ୍ତ କରି ଭାରତକୁ ୧-୦ରେ ଆଗୁଆ କରିଛନ୍ତି। ଡବଲ୍ସ ମ୍ୟାଚରେ ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି ମହମ୍ମଦ ଶୋଇବୁଲ ଫିକ୍ରି ଓ ବାଗାସ ମୌଲାନାଙ୍କ ଯୋଡ଼ିଠାରୁ ୨୨-୨୪, ୨୪-୨୨ ଓ ୧୯-୨୧ରେ ପରାସ୍ତ ହୋଇଥିବା ବେଳେ ଧ୍ରୁବ କପିଳା ଓ ସାଇ ପ୍ରତୀକଙ୍କ ଯୋଡ଼ି ସିଧାସଳଖ ଗେମରେ ଲିଓ ରୋଲି କାର୍ନାଣ୍ଡୋ ଓ ଡାନିଏଲ ମାର୍ଥିନଙ୍କ ଠାରୁ ୨୦-୨୨, ୧୧-୨୧ରେ ପରାସ୍ତ ହୋଇଥିଲେ। ସିଙ୍ଗଲ୍ସ ମ୍ୟାଚରେ ଲକ୍ଷ୍ୟ ସେନ୍ ଜୋନାଟନ୍ କ୍ରିଷ୍ଟିଙ୍କ ଠାରୁ ୧୮-୨୧, ୨୧-୧୬, ୧୭-୨୧ରେ ଏବଂ ଶ୍ରୀକାନ୍ତ କିଦାମ୍ବୀ ୨୧-୧୯, ୨୨-୨୪, ୧୪-୨୧ରେ ଚିକୋ ଓରା ଦ୍ୱି ଓ୍ୱାର୍ଡୋୟୋଙ୍କଠାରୁ ପରାସ୍ତ ହୋଇଥିଲେ।